# NATIONAL NEWS BULLETIN (ODIA)

**6 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ମତଦାନ ଜାରି ।

- ଅପରାହ୍ଣ ଗୋଟାଏ ସୁଦ୍ଧା ହୋଇଛି ୪୨ ଦଶମିକ ୩/୧ ପ୍ରତିଶତ ମତଦାନ ।

- ଜାତୀୟ ସଂଗୀତ ବନ୍ଦେ ମାତରମ୍‌ର ୧୫୦ତମ ବର୍ଷ ପୂର୍ତ୍ତି ପାଳନ କାର୍ଯ୍ୟକ୍ରମକୁ ଆସନ୍ତାକାଲି ନୂଆଦିଲ୍ଲୀରେ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।

- ଚେନ୍ନାଇଠାରେ ଚାଲିଛି ଭାରତ ଗେମିଂ ବିକାଶ ସମ୍ମିଳନୀର ୧୭ତମ ସଂସ୍କରଣ ।

- ଗାଜାର ଇସ୍ରାଏଲ ଅଧିକୃତ ଅଞ୍ଚଳରେ ହମାସ୍ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରାଯିବ ବୋଲି ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀଙ୍କ ଘୋଷଣା ।

ଏବଂ

- କୁଇନ୍‌ସଲ୍ୟାଣ୍ଡ ଟି-୨୦ କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି ଅଷ୍ଟ୍ରେଲିଆ ।

# ବିହାର ପୋଲିଂ

ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ମତଦାନ ଜାରି ରହିଛି । ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ପାଇଁ ଆଜି ମତଗ୍ରହଣ କରାଯାଉଛି । ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତଦାନ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ତେବେ ସୁରକ୍ଷାଗତ କାରଣରୁ କେତୋଟି ବିଧାନସଭା ମଣ୍ଡଳୀର ୫୬ଟି ମତଦାନ କେନ୍ଦ୍ରରେ ସଂଧ୍ୟା ୫ଟାରେ ମତଦାନ ଶେଷ ହେବ ବୋଲି ଜଣାପଡିଛି । ପ୍ରାଥମିକ ସୂଚନା ଅନୁଯାୟୀ ପୂର୍ବାହ୍ନ ଅପରାହ୍ଣ ଗୋଟାଏ ସୁଦ୍ଧା ୪୨ ଦଶମିକ ୩/୧ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ଗୋପାଳଗଞ୍ଜ ଜିଲ୍ଲାରେ ସର୍ବାଧିକ ୪୬ ଦଶମିକ ୭/୩ ପ୍ରତିଶତ ମତଦାନ ହୋଇଛି । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ପାଟ୍ନା ଜିଲ୍ଲାର ବଖତିୟାରପୁରରେ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଥିବାବେଳେ ଉପମୁଖ୍ୟମନ୍ତ୍ରୀ ତଥା ତାରାପୁର ଆସନର ବିଜେପି ପ୍ରାର୍ଥୀ ସମ୍ରାଟ ଚୌଧୁରୀ ମୁଙ୍ଗେରରେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ବିଜେପି ନେତା ତଥା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏବଂ ତାଙ୍କ ପତ୍ନୀ ହାଜିପୁରରେ ଭୋଟ୍ ଦେଇଛନ୍ତି । ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିବା ଲାଗି ୪୫ହଜାର ୩୪୧ଟି ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ କରାଯାଉଛି ।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ଏହି ପର୍ଯ୍ୟାୟରେ ଆସନ୍ତା ୧୧ ତାରିଖରେ

୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ମତଗ୍ରହଣ କରାଯିବ । ଆସନ୍ତା ୧୪ ତାରିଖରେ ଭୋଟ୍‌ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

## ବିହାର – ଇସିଆଇ

ବିହାରରେ ଚାଲିଥିବା ଆଜିର ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ କେତେକ ମତଦାନ କେନ୍ଦ୍ରରେ ଜ୍ଞାତସାରରେ ବିଦ୍ୟୁତ୍‌କାଟ୍ କରାଯିବା ନେଇ ରାଷ୍ଟ୍ରୀୟ ଜନତା ଦଳ ଆର୍‌ଜେଡିର ଅଭିଯୋଗକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଖଣ୍ଡନ କରିଛନ୍ତି । ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଭ୍ରମାତ୍ମକ ବୋଲି ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଆର୍‌ଜେଡିର ଏ ସଂକ୍ରାନ୍ତ ଅଭିଯୋଗର ପ୍ରତ୍ୟୁତ୍ତରରେ ରାଜ୍ୟ ମୁଖ୍ୟ ନିର୍ବାଚନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମତଦାନ ସୁରୁଖୁରୁରେ ଚାଲିଛି । ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସୁନିଶ୍ଚିତ କରିବା ଲାଗି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଏଥିରେ କୁହାଯାଇଛି । ସୂଚନାଯୋଗ୍ୟ ମତଦାନର ଗତିକୁ ହ୍ରାସ କରିବା ଲକ୍ଷ୍ୟରେ ମହାଗଠବନ୍ଧନର ଗଡ ଭାବରେ ବିବେଚିତ କେତେକ ବୁଥ୍‌ରେ ଜାଣିଶୁଣି ବିଦ୍ୟୁତ୍ ଯୋଗାଣକୁ ବନ୍ଦ ରଖାଯାଇଥିବା ନେଇ ଆର୍‌ଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ।

## ଇସିଆଇ-ଡେଲିଗେଟ୍ସ

୭ଟି ବିଦେଶୀ ରାଷ୍ଟ୍ରରୁ ଆସିଥିବା ୧୬ଜଣ ଆନ୍ତର୍ଜାତିକ ନିର୍ବାଚନ ପର୍ଯ୍ୟବେକ୍ଷକ ଆଜି ବିହାରରେ ଚାଲିଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରକ୍ରିୟାକୁ ନିରୀକ୍ଷଣ କରିଛନ୍ତି । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଇଣ୍ଡୋନେସିଆ, କଲମ୍ବିଆ, ଫିଲିପାଇନ୍ସ, ଫ୍ରାନ୍ସ, ବେଲଜିୟମ, ଦକ୍ଷିଣଆଫ୍ରିକା ଏବଂ ଥାଇଲାଣ୍ଡରୁ ଆନ୍ତର୍ଜାତିକ ନିର୍ବାଚନ ପର୍ଯ୍ୟବେକ୍ଷକ କାର୍ଯ୍ୟକ୍ରମ ଅଧୀନରେ ୧୬ଜଣିଆ ପ୍ରତିନିଧି ମଣ୍ଡଳୀ ବିହାର ଗସ୍ତ କରିଛନ୍ତି । ପାଟନାର କେତେକ ପୁଲିଂ ବୁଥ୍‌କୁ ଥାଇଲାଣ୍ଡର ପ୍ରତିନିଧି ମଣ୍ଡଳୀ ପରିଦର୍ଶନ କରିଥିବା ଆୟୋଗ ସୂଚନା ଦେଇଛନ୍ତି ।

## ପିଏମ୍-ବନ୍ଦେ ମାତରଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ଜାତୀୟ ସଂଗୀତ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ବର୍ଷେବ୍ୟାପୀ ହେବାକୁ ଥିବା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ସଂସ୍କୃତି ମନ୍ତ୍ରଣାଳୟପକ୍ଷରୁ ଏହି ଉଦ୍‌ଘାଟନୀ ସମାରୋହ ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମ ଆସନ୍ତାକାଲିଠାରୁ ଆରମ୍ଭ ୨୦୨୬ ମସିହା ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି । ଏହି ସଂଗୀତର କାଳଜୟୀ

ରଚନା ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ପ୍ରେରଣା ଯୋଗାଇବା ସହିତ ଜାତୀୟ ଗର୍ବ ଓ ଏକତାକୁ ବଜାୟ ରଖିବା ଦିଗରେ ଏକ ପ୍ରେରଣାର ଉତ୍ସ ହୋଇ ରହିଛି । ଏହି ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କିତ ଏକ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଗତମାସ ୧ ତାରିଖରେ ମଞ୍ଜୁରୀ ପ୍ରଦାନ କରିଥିଲେ । ଆସନ୍ତାକାଲି ଏହି ଅବସରରେ ପ୍ରାମାଣିକ ଚିତ୍ର ପ୍ରଦର୍ଶନ ହେବା ସହିତ ପ୍ରଧାନମନ୍ତ୍ରୀ ସ୍ମାରକୀ ଡାକଟିକଟ ଓ ମୁଦ୍ରାର ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

# ଗେମିଂ କନ୍‌ଫରେନ୍ସ

ଭାରତ ଗେମିଂ ବିକାଶ ସମ୍ମିଳନୀର ୧୭ତମ ସଂସ୍କରଣ ଚେନ୍ନାଇଠାରେ ଜାରି ରହିଛି । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ ସମ୍ମିଳନୀ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ । ତାମିଲନାଡୁର ଉପମୁଖ୍ୟମନ୍ତ୍ରୀ ଉଦୟାନିଧି ଷ୍ଟାଲିନଙ୍କ ଉପସ୍ଥିତିରେ ଗେମିଂ ସହିତ ଜଡିତ ବିଭିନ୍ନ ଅନୁଷ୍ଠାନ ସହିତ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସମାବେଶକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଷ୍ଟାଲିନ କହିଛନ୍ତି ଆସନ୍ତା ୬ ମାସ ମଧ୍ୟରେ ଚେନ୍ନାଇଠାରେ ଗେମିଂ ଆଧାରିତ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ । କୋଏମ୍ବାଟୁର, ମଦୁରାଇ, ତ୍ରିଚି, ସାଲେମ ଏବଂ ତିରୁନେଲଭେଲିରେ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ

ସୂଚନା ଦେଇଛନ୍ତି । ତାମିଲନାଡୁରେ ଏକ ଉତ୍ସର୍ଗୀକୃତ ସହଯୋଗ କେନ୍ଦ୍ର ପ୍ରତିଷ୍ଠା କରାଯିବ, ଫଳରେ ବ୍ୟାବସାୟିକ କ୍ଷେତ୍ର ସହଜ ହୋଇପାରିବ । ଶ୍ରୀ ଷ୍ଟାଲିନ କହିଛନ୍ତି ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ଅଞ୍ଚଳରୁ ଗେମିଂ ସହ ସଂପୃକ୍ତ ଉଦ୍ୟୋଗୀ, ନୀତି ନିର୍ଦ୍ଧାରକ, ବିଶେଷଜ୍ଞ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି ।

## ଇସ୍ରାଏଲ ହମାସ

ଗାଜାର ଇସ୍ରାଏଲ ଅଧିକୃତ ଅଞ୍ଚଳରେ ହମାସ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରାଯିବ ବୋଲି ଇସ୍ରାଏଲ ପ୍ରତିରକ୍ଷାମନ୍ତ୍ରୀ ଇସ୍ରାଏଲ କାଟଜ କହିଛନ୍ତି । ହମାସ ଆତଙ୍କବାଦୀଙ୍କ ସୁଡଙ୍ଗ ଗୁଡ଼ିକୁ ନଷ୍ଟ କରିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି । ଇସ୍ରାଏଲ ଦ୍ୱାରା ରାଫାଠାରେ ପଣବନ୍ଦୀ ରହିଥିବା ହମାସ ଆତଙ୍କବାଦୀଙ୍କୁ ମୁକ୍ତ କରିବା ଲାଗି ଆମେରିକା ପକ୍ଷରୁ ଇସ୍ରାଏଲକୁ କରାଯାଇଥିବା ଅନୁରୋଧ ପରିପ୍ରେକ୍ଷୀରେ ପ୍ରତିରକ୍ଷାମନ୍ତ୍ରୀ ଏହା କହିଛନ୍ତି । ଶ୍ରୀ କାଟଜ କହିଛନ୍ତି ହମାସ ଆତଙ୍କବାଦୀଙ୍କୁ ଗାଜାରୁ ସମ୍ପୂର୍ଣ୍ଣରୂପେ ମୂଳୋତ୍ପାଟନ କରାଯିବା ସହ ଏପର୍ଯ୍ୟନ୍ତ ସେମାନଙ୍କ ପାଖରେ ରହିଥିବା ଇସ୍ରାଏଲ ପଣବନ୍ଦୀଙ୍କ ମୃତ ଶରୀରକୁ ଉଦ୍ଧାର କରିବା ନେଇ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ । ରାଫାର ବିଭିନ୍ନ ସୁଡ଼ଙ୍ଗରେ ୨୦୦ରୁ ଅଧିକ ସଶସ୍ତ୍ର ହମାସ୍

ଆତଙ୍କବାଦୀ ଲୁଚି ରହିଛନ୍ତି ବୋଲି ଇସ୍ରାଏଲର ଗୁଇନ୍ଦା ସଂସ୍ଥା କହିଛି । ଗତ ୨୦୨୩ ଅକ୍ଟୋବର ୭ ତାରିଖରୁ ଦକ୍ଷିଣ ଇସ୍ରାଏଲରେ ହମାସ ଆତଙ୍କବାଦୀଙ୍କ ଆକ୍ରମଣ ପରିପ୍ରେକ୍ଷୀରେ ପାଖାପାଖି ୧୨୦୦ ଲୋକଙ୍କର ମୃତ୍ୟୁ ହେବା ସହ ୨୫୨ଜଣ ଇସ୍ରାଏଲ  ଏବଂ ବିଦେଶୀ ନାଗରିକ ହମାସ୍ ପାଖରେ ପଣବନ୍ଦୀ ହୋଇ ରହିଛନ୍ତି । ଏବେ ମଧ୍ୟ ୫ଜଣ ଇସ୍ରାଏଲ ଏବଂ ଦୁଇଜଣ ବିଦେଶୀ ନାଗରିକଙ୍କର ମୃତ ଶରୀର ଗାଜାରେ ଅଛି ବୋଲି ଇସ୍ରାଏଲର  ଗୁଇନ୍ଦା ସଂସ୍ଥା ସୂଚନା ଦେଇଛି ।

## ପବିତ୍ର-ଇକ୍ୱେଡର ଭିଜିଟ୍

ଲାଟିନ୍ ଆମେରିକୀୟ ଦେଶ ଗସ୍ତ ଅବସରରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା ଇକ୍ୱେଡରର ବୈଦେଶିକ ବ୍ୟାପାର ମନ୍ତ୍ରୀ ଗାବ୍ରିଏଲା ସୋମରଫେଲ୍ଡଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ରାଜନୈତିକ, ବାଣିଜ୍ୟ, ଔଷଧ, ପ୍ରଶିକ୍ଷଣ ଏବଂ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଉଭୟ ନେତା ଆଲୋଚନା କରିଛନ୍ତି । ଏହି ଅବସରରେ ଭାରତ ଏବଂ ଇକ୍ୱେଡର ମଧ୍ୟରେ କୂଟନୈତିକ ତାଲିମ ସହଯୋଗ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରମନ୍ତ୍ରୀ ମାର୍ଘେରିଟା କହିଛନ୍ତି ଇକ୍ୱେଡର ବୈଦେଶିକ ମନ୍ତ୍ରୀଙ୍କ ସହ ଫଳପ୍ରଦ ଆଲୋଚନା

ହୋଇଛି । ରାଷ୍ଟ୍ରମନ୍ତ୍ରୀ ମାଘେରିଟା ଏବଂ ଇକ୍ୱେଡର ବୈଦେଶିକ ମନ୍ତ୍ରୀ ସୋମରଫେଲ୍ଡ୍ ମିଳିତଭାବେ ଇକ୍ୱେଡରର ରାଜଧାନୀ କ୍ୱିଟୋରେ ଭାରତର ଆବାସିକ ଦୂତାବାସକୁ ଗତକାଲି ଉଦ୍‌ଘାଟନ କରିଛନ୍ତି । ଗସ୍ତ ଅବସରରେ ରାଷ୍ଟ୍ରମନ୍ତ୍ରୀ ମାର୍ଘେରିଟା ଇକ୍ୱେଡରର ବ୍ୟବସାୟିକ ପ୍ରତିନିଧିଙ୍କ ସହ ମତ ବିନିମୟ କରିଛନ୍ତି । ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଉଭୟପକ୍ଷଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିବା ରାଷ୍ଟ୍ରମନ୍ତ୍ରୀ ମାର୍ଘେରିଟା କହିଛନ୍ତି ।

# ସଂସଦ ଖେଳ ମହୋତ୍ସବ

ସଂସଦ ଖେଳ ମହୋତ୍ସବର ଏକ ଅଂଶସ୍ୱରୂପ ଆସନ୍ତା ୧୬ ତାରିଖରେ ନୂଆଦିଲ୍ଲୀରେ ନମୋ ଦୌଡ଼ ମାରାଥନର ଆୟୋଜନ କରାଯିବ । କର୍ପୋରେଟ୍ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା ଆଜି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଏହି ମହୋତ୍ସବ ପାଇଁ ପ୍ରାୟ ୩୦ହଜାର କ୍ରୀଡ଼ାବିତ୍ ପଞ୍ଜିକରଣ କରୁଛନ୍ତି । ଏଭଳି ମହୋତ୍ସବ ଯୁବବର୍ଗଙ୍କ ଦକ୍ଷତା ବିକାଶ ଏବଂ କ୍ରୀଡ଼ା କ୍ଷେତ୍ରରେ ନିଜକୁ ପ୍ରତିପାଦନ କରିବାର ମଞ୍ଚ ପ୍ରଦାନ କରିବ । ବିଭିନ୍ନ ବର୍ଗରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣକାରୀଙ୍କୁ ଦକ୍ଷ ପ୍ରଶିକ୍ଷକ, କ୍ରୀଡ଼ା ଉପକରଣ ଏବଂ ସୁ-ବ୍ୟବସ୍ଥିତ ଷ୍ଟାଡିୟମରେ ଖେଳିବାର ସୁଯୋଗ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମାଲହୋତ୍ରା କହିଛନ୍ତି ।

**V/O**

## ଇଣ୍ଡିଆ-ଟ୍ରେଡ୍ ଏଗ୍ରିମେଣ୍ଟ

ଭାରତ-ପେରୁ ବାଣିଜ୍ୟ ଚୁକ୍ତିନାମାର ନବମ ପର୍ଯ୍ୟାୟ ଆଲୋଚନା ଗତକାଲି ଶେଷ ହୋଇଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ପେରୁର ଲିମାଠାରେ ଗତ ୩ ତାରିଖରୁ ନବମ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହୋଇଥଲା । ବାଣିଜ୍ୟ, ଉତ୍ପାଦକତା, ସୀମାଶୁଳ୍କ ପ୍ରକ୍ରିୟା ଆଦି ବିଭିନ୍ନ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ସମାଧାନ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବିସ୍ତୃତ ତଥା ଫଳପ୍ରଦ ଆଲୋଚନା ହୋଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

ପୂର୍ବରୁ ଭାରତ-ଚିଲି ବ୍ୟାପକ ଅର୍ଥନୈତିକ ସହଭାଗିତା ଚୁକ୍ତିନାମାର ତୃତୀୟ ପର୍ଯ୍ୟାୟ ଆଲୋଚନା ଗତମାସ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଚିଲିର ଶାଣ୍ଟିଆଗୋଠାରେ ଅନୁଷ୍ଠିତ ହୋଇଥିବା ନେଇ ମନ୍ତ୍ରଣାଳୟ ସୂଚନା ଦେଇଛି ।

## କ୍ରିକେଟ୍

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଚତୁର୍ଥ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି କୁଇନ୍ସଲ୍ୟାଣ୍ଡସ୍ଥିତ କାରାରା ଓଭାଲଠାରେ ଜାରି ରହିଛି । ଟସ୍ ଜିତି ଅଷ୍ଟ୍ରେଲିଆ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରିତ କରିଛି । ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ଥିତିରେ ରହିଛନ୍ତି ।